# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

ପତ୍ରିକା ସଂଖ୍ୟା-୧୯/୨୪

**ଜିଲ୍ଲା-ଯାଜପୁର** ତା.୦୪.୦୩.୨୦୨୪

ପାଣିପାଗ ପୂର୍ବାନୁମାନ (ତା. ୦୯.୦୩.୨୦୨୪ ପର୍ଯ୍ୟନ୍ତ)-: ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ,ଜିଲ୍ଲାରେ ୩ ଦିନ ପାଇଁ ଶୁଖିଲା ପାଗ ଏବଂ ୨ ଦିନ (୮ଏବଂ ୯ ମାର୍ଚ)ପାଇଁ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ପବନର ବେଗ ୦୯-୧୧ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୨-୩୫ ° C ଏବଂ ୨୨ ° C ରହିବ |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| JAJPUR | 05-03-2024 | 0 | 35 | 22 | 2 | 81 | 24 | 11 | 202 |
| | 06-03-2024 | 0 | 34 | 22 | 3 | 77 | 20 | 8 | 158 |
| | 07-03-2024 | 0 | 33 | 22 | 3 | 86 | 25 | 10 | 152 |
| | 08-03-2024 | 4 | 32 | 22 | 2 | 70 | 32 | 9 | 70 |
| | 09-03-2024 | 5 | 33 | 22 | 1 | 86 | 34 | 10 | 117 |

## ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| | | |
|---|---|---|
| **ସାଧାରଣ ଉପଦେଶ** | • ଶୁଷ୍କ ଓ ଉଷ୍ଣମ ଜଳବାୟୁ ହେତୁ,ପନିପରିବା ଫସଲରେ ଅଷ୍ଟପଦୀ,ପାତ୍ର ସୁଡ଼ଙ୍ଗୀ ପୋକ ,ଏବଂପାତ୍ର ଉକୁଣି ପୋକର ସମସ୍ୟା ବୃଦ୍ଧି ପାଇଛି। ଏହି ସମସ୍ତ କୀଟକୁ ନିୟନ୍ତ୍ରଣ କରିବା ପାଇଁ ଆବାମେକ୍ଟିନ୍ ୧.୯EC @150 ମିଲି/ଏକର କିମ୍ବା ଡାଏଫେଞ୍ଚୁରିଆନ୍ 50WP @200 ଗ୍ରାମ୍/ଏକର କୁ ପ୍ରୟୋଗ କରନ୍ତୁ।<br>• ଚାଷୀମାନେ ଆବଶ୍ୟକୀୟ ଅନୁଯାୟୀ ଫସଲରେ ଜଳସେଚନ କରିବା ଉଚିତ । | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| **ଖରାଟିଆ ଧାନ** | ଧାନ ରୋପଣ | • ଧାନ ଫସଲରେ କାଣ୍ଡ ବିନ୍ଧା ପୋକର ପ୍ରାଦୁର୍ଭାବ ବୃଦ୍ଧି ପାଇଛି।ଏହାର ନିରାକରଣ ପାଇଁ ଏକର ପ୍ରତି ୪ କେଜି Rynaxypyr ୦.୪ G ଅଥବା ୮ kg Fipronil ୦.୩ G କୁ କ୍ଷେତରେ ପାଣିବାନ୍ଧି ପ୍ରୟୋଗ କରନ୍ତୁ।<br>• ଖରାଟିଆ ଧାନରେ କିଛି ଜାଗାରେ ପତ୍ର ପୋଡା ରୋଗ ସଂକ୍ରମଣ ବୃଦ୍ଧି ପାଉଛି ଏହାକୁ ନିରାକାରଣ କରିବା ପାଇଁ ଏକର ପ୍ରତି ୨୦୦ ଗ୍ରା plantomycin ସହ ୫୦୦ ଗ୍ରା cupper oxy chloride ୨୦୦ ଲି ପଣି ସହ ମିଶାଇ ପତ୍ର ସିଂଚନ କରନ୍ତୁ ଏବଂ ଏକର ପ୍ରତି ୧୦ kg MOP କୁ କ୍ଷେତରେ ପ୍ରୟୋଗ କରନ୍ତୁ ।<br>• ପିଲ ସାର ସମୟ ଆସିଲେ ଘାସ ବଛାବଛି କରି ଏକର ପ୍ରତି୩୫ KG urea ସାରପ୍ରୟୋଗ କରନ୍ତୁ। |
| **ମୁଗ** | ପୁଷ୍ପ ଏବଂ ଫଳ ଅବସ୍ଥା | ଖରାଟିଆ ମୁଗ ଫସଲରେ ପତ୍ର ମୋଡା ଓ ସାହେବୀ ରୋଗ ସମସ୍ୟା ବୃଦ୍ଧି ପଇଲେ ଏକର ପ୍ରତି ୨୫ ଟି ହଳଦିଆ ଯନ୍ତା ବସାନ୍ତୁ କିମ୍ବା Thiamethoxam କୀଟନାଶକ ଏକର ପ୍ରତି ୮୦ ଗ୍ରା ହିସାବରେ ସିଂଚନ କରନ୍ତୁ। |
| **ସୂର୍ଯ୍ୟମୁଖୀ** | ପୁଷ୍ପ ଅବସ୍ଥା | ସୂର୍ଯ୍ୟମୁଖୀ ଫସଲରେ ପତ୍ରଖିଆ ଗୋଟି ପୋକ ଓ ଫୁଲବିନ୍ଧା କୀଟର ଆକ୍ରମଣ ଅଧିକ ଦୃଷ୍ଟିଗୋଚର ହେଲେ ଏକର ପ୍ରତି ୮୦ ଗ୍ରା Emamectin Benzoate ଅଥବା |

| | | |
|---|---|---|
| | | ୬୦ମିଲି Flubendiamide କୁ ସିଂଚନ କରନ୍ତୁ। |
| **ଆଖୁ** | **ପୁଷ୍ପ ଅବସ୍ଥା** | ଆଖୁରେ ସଓଲ କାଣ୍ଡ ବିନ୍ଧାପୋକ ଦୃଷ୍ଟିଗୋଚର ହେଲେ Fipronil ୫ SC@ ୪୦୦ମିଲି/ଏକର ପତ୍ର ସିଂଚନ କରନ୍ତୁ । |
| **ପନିପରିବା** | **ପୁଷ୍ପ ଏବଂ ଫଳ ଅବସ୍ଥା** | ❖ ବାଇଗଣ ଫସଲରେ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୮୦ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୭୦ ମି.ଲି. ସ୍ପିନୋସାଡ କିମ୍ଵା Thiachloprid @୨୫୦ମିଲି /ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।ନିୟମିତ ଆକ୍ରାନ୍ତ ଡାଳ ଓ ଫଳ କୁ ସଂଗ୍ରହ କରି ନଷ୍ଟ କରନ୍ତୁ।<br>❖ ବାଇଗଣ ଓ ଟମାଟୋ ଫସଲରେ ଝାଉଂଳା କିମ୍ବା ଆଂଶିକ ଝାଉଂଳା ରୋଗ ଦେଖାଗଲେ ଆକ୍ରାନ୍ତ ଗଛ କୁ ଓପାଡି ଦିଅନ୍ତୁ ଓ ଗଛ ମୂଳରେ ନିମ୍ବ କିମ୍ବା କରଞ୍ଜ ପିଡିଆ ପ୍ରୟୋଗ କରନ୍ତୁ । ପ୍ରତି ଲିଟର ପାଣିରେ ୧ ମି.ଲି. କବକ ନାଶକ ଟେବୁକୋନାଜୋଲ କୁ ମିଶାଇ ଗଛ ମୂଳ ଓ ପତ୍ରକୁ ସିଂଚନ କରନ୍ତୁ ।<br>❖ ମୃତିକାରେ ବରନ ଅନୁସାର ଅଭାବ ପରିଲକ୍ଷିତ ଥାଇ ଫଳଫାଟୁଥିଲେ ଏକର ପ୍ରତି ୩୦୦ଗ୍ରା Boron (୨୦%) ସିଂଚନ କରନ୍ତୁ। |
| **ଆମ୍ବ** | **ପୁଷ୍ପ ଅବସ୍ଥା** | ❖ ଆମ୍ବ ଗଛରେ ଆମ୍ବ ଡାହାଣୀ ଓ ଦହିଆ ପୋକ ଦେଖାଗଲେ Thiamethoxam ୦.୪ ଗ୍ରା/ଲିଟର କିମ୍ବା Lambda Cyahalothrin 4.9 CS @1.25 ମିଲି /ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ପଶୁପାଳନ** | | ❖ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାରୁ ଚାଷୀମାନେ ପଶୁଙ୍କୁ ପର୍ଯ୍ୟାପ୍ତ ପରିମାଣରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ସହ ଉପଯୁକ୍ତ ଆଶ୍ରୟ ଓ ଖାଦ୍ୟ ପରିଚାଳନା କରିବା ଆବଶ୍ୟକ |

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଆଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)